# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 October – 2026

**********************************

## ମୁଖ୍ୟ ସମ୍ବାଦ

- ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ରାଷ୍ଟ୍ରନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଦେଶବାସୀ

  – ପଞ୍ଚାୟତକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ ଅନୁଷ୍ଠିତ ହେଉଛି ସ୍ୱତନ୍ତ୍ର ଗ୍ରାମସଭା

- ସହ-ପାଇଲଟଙ୍କ ଆକ୍ରମଣକୁ ପ୍ରତିହତ କରି ୧୮୦ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିବା ଭାରତୀୟ ନାଗରିକ କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ

- ଜଳସଂରକ୍ଷଣ ଓ ନିରାପଦ ପାନୀୟ ଜଳର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ଆଜିଠାରୁ ଆରମ୍ଭ ହେଲା 'ସୁଜଳ ଅଭିଯାନ'

ଏବଂ

- ଓଡ଼ିଶାକୁ ସମ୍ପୂର୍ଣ୍ଣ ଶିଶୁ-ଶ୍ରମିକମୁକ୍ତ କରିବା ଲକ୍ଷ୍ୟ ନେଇ ‘ଶିଶୁ ଶ୍ରମମୁକ୍ତ ଗ୍ରାମପଞ୍ଚାୟତ ଅଭିଯାନ’ ଆଜିଠାରୁ ଆରମ୍ଭ

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଜି ୧୫୭ତମ ଜୟନ୍ତୀ ଏବଂ ରାଷ୍ଟ୍ରନାୟକ ତଥା ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଆଜି ୧୨୨ତମ ଜୟନ୍ତୀ ପାଳନ କରାଯାଉଛି। ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ବାପୁଜୀ ଦେଶକୁ ଇଂରେଜ ଶାସନର କବଳରୁ ମୁକ୍ତ କରିବା ପାଇଁ ଅହିଂସାପଥ ଆପଣାଇଥିଲେ। ମୁକ୍ତି ସଂଗ୍ରାମରେ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ସେ ପ୍ରବର୍ତ୍ତନ କରିଥିଲେ। ଏହାର ପ୍ରଭାବ ଏବେ ମଧ୍ୟ ସମଗ୍ର ବିଶ୍ୱ ଜନମାନସରେ ଗଭୀର ପ୍ରଭାବ ପକାଇଚାଲିଛି।

ସେହିପରି ୧୯୦୪ ମସିହା ଆଜିର ଦିନରେ ଉତ୍ତରପ୍ରଦେଶର ପୂର୍ବ ମୋଗଲସରାଇ ଏବଂ ବର୍ତ୍ତମାନର ଦୀନଦୟାଲ ଉପାଧ୍ୟାୟ ନଗରଠାରେ ଲାଲବାହାଦୁର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ। ବାପୁଜୀଙ୍କ ଡାକରାରେ ଶାସ୍ତ୍ରୀଜୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ଶାସ୍ତ୍ରୀଜୀଙ୍କ ସ୍ଲୋଗାନ ‘ଜୟ ଯବାନ-ଜୟ କିଷାନ’ ଆଜି ମଧ୍ୟ ଅମର ହୋଇ ରହିଛି।

ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ବାର୍ତ୍ତାରେ କହିଛନ୍ତି, ମହାତ୍ମାଗାନ୍ଧୀ ସମଗ୍ର ମାନବ ଜାତିକୁ ସହନଶୀଳତା, ଶାନ୍ତି ଏବଂ ସତ୍ୟର ବାର୍ତ୍ତା ଦେଇଛନ୍ତି। ରାଷ୍ଟ୍ରପତି' ମହାତ୍ମାଗାନ୍ଧୀଙ୍କୁ ମାନବ ଜାତି ପାଇଁ ପ୍ରେରଣା ବୋଲି କହିବା ସହ ସେ ଅସ୍ପୃଶ୍ୟତା, ନିରକ୍ଷରତା, ନିଶା ଏବଂ ଅନ୍ୟାନ୍ୟ ସାମାଜିକ କୁପ୍ରଥା ଦୂର କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ ବୋଲି କହିଛନ୍ତି। ଗାନ୍ଧିଜୀଙ୍କ ସର୍ବୋଦୟର ବାର୍ତ୍ତା ନେଇ ଦେଶର କଲ୍ୟାଣ ଦିଗରେ ପ୍ରତିବଦ୍ଧ ରହିବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି, ସତ୍ୟ ଏବଂ ଅହିଂସା ଉପରେ ମହାତ୍ମାଗାନ୍ଧୀଙ୍କ ଅତୁଟ ବିଶ୍ୱାସ, ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଏବଂ ବ୍ୟକ୍ତିର ମର୍ଯ୍ୟାଦା ଉପରେ ଥିବା ବିଶ୍ୱାସ ଆଜି ମଧ୍ୟ ମାନବତାକୁ ପ୍ରେରଣା ଦେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବାର୍ତ୍ତାରେ କହିଛନ୍ତି, ଗାନ୍ଧିଜୀଙ୍କ ସାହସ, ସରଳତା, ସେବା ଓ କରୁଣା ଶକ୍ତିର ମାର୍ଗ ଦେଖାଇଥିଲା।

ସେହିପରି ଶାସ୍ତ୍ରୀଜୀଙ୍କ ଜୀବନ ଓ ନେତୃତ୍ୱ ଏକ ସଶକ୍ତ ତଥା ଆତ୍ମନିର୍ଭର ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରଣା ଯୋଗାଉଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କୁ ରାଜ୍ୟ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ମହାନ ଯୁଗପୁରୁଷଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଏବଂ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ମହାତ୍ମାଗାନ୍ଧୀ କେବଳ ଭାରତକୁ ସ୍ୱାଧୀନତା ଦେଇନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗଦର୍ଶନ ଦେଇଥିଲେ। ଗାନ୍ଧିଜୀଙ୍କ ସ୍ୱପ୍ନ ସ୍ୱଚ୍ଛତା ଓ ସ୍ୱଦେଶୀକୁ ଆପଣାଇବା ପାଇଁ ସାରା ଦେଶ ସଂକଳ୍ପବଦ୍ଧ। ମୁଖ୍ୟମନ୍ତ୍ରୀ କହିଛନ୍ତି ଶାସ୍ତ୍ରୀଜୀଙ୍କ ନିଃସ୍ୱାର୍ଥପର ଦେଶସେବା, କର୍ମନିଷ୍ଠାକୁ ଆଦର୍ଶ ଭାବେ ଗ୍ରହଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ କରିବା ପାଇଁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ।

ରାଜ୍ୟର ବିଭିନ୍ନ ସ୍ଥାନରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଓ ରାଷ୍ଟ୍ରନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସଭାସମିତିମାନ ଆୟୋଜନ କରାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ

ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଗଞ୍ଜାମ ଜିଲ୍ଲା ପୁଲିସ୍ ପଡିଆ ନିକଟସ୍ଥ ଶିଶୁ ଉଦ୍ୟାନରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଗାନ୍ଧିଜୀଙ୍କ ଅବଦାନକୁ ସ୍ମରଣ କରିଥିଲେ।

ନୟାଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, ବୌଦ୍ଧ, ଦେବଗଡ଼, ବଲାଙ୍ଗୀର, ମାଲକାନଗିରି ଓ ସୁବର୍ଣ୍ଣପୁରଠାରେ ଏ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶା ହାଇକୋର୍ଟ ପରିସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ବିଚାରପତିଙ୍କ ସମେତ ବୁଦ୍ଧିଜୀବୀ ମାଲ୍ୟାର୍ପଣ କରିବା ସହ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଦେଶସେବା ସମ୍ପର୍କରେ ଆଲୋଚନା କରିଥିଲେ।

# ଗ୍ରାମସଭା

ଦେଶବ୍ୟାପୀ ଆଜି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେଉଛି। ଏଥିରେ ପଞ୍ଚାୟତକୁ ସଶକ୍ତ କରିବା, ଜନସେବାରେ ଉନ୍ନତି ଆଣିବା ଏବଂ ଗ୍ରାମୀଣ ଭାରତରେ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ବିଭିନ୍ନ ସଂସ୍କାର ଓ ପଦକ୍ଷେପ ଉପରେ ଆଲୋଚନା ହେବ। ଏହି ସ୍ୱତନ୍ତ୍ର ଗ୍ରାମସଭା ଅବସରରେ 'ସଭିଙ୍କ ଯୋଜନା, ସଭିଙ୍କ ବିକାଶ' ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯିବ। ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକ ଅଂଶଗ୍ରହଣମୂଳକ ଏବଂ ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ମାଧ୍ୟମରେ

୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରିବେ।

ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ଟି ବ୍ଲକର ୧୮୯ଟି ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଯାଇଛି। ଗ୍ରାମର ବିକାଶ, ସ୍ୱଚ୍ଛତା, ଜନକଲ୍ୟାଣମୂଳକ ଯୋଜନା ଓ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ନେଇ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ପିଏମ୍-ସ୍ମିତ

ଫ୍ଲାଏ ଦୁବାଇ ବିମାନରେ ସହ-ପାଇଲଟଙ୍କ ଆକ୍ରମଣକୁ ପ୍ରତିହତ କରି ୧୮୦ ଜଣ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିବା ଭାରତୀୟ ନାଗରିକ କ୍ୟାପ୍‌ଟେନ୍ ସ୍ମିତ ମଛାରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କଥା ହୋଇଛନ୍ତି। କ୍ୟାପଟେନ୍ ମଛାର ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ଅନୁଭୂତି ଓ ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କ୍ୟାପଟେନ୍ ସ୍ମିତଙ୍କ ସାହସିକତାକୁ ପ୍ରଶଂସା କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଶିଶୁ ଶ୍ରମିକ ମୁକ୍ତ

ଓଡ଼ିଶାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ମୁକ୍ତ କରିବା ଉଦ୍ଦେଶ୍ୟରେ ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ୪୪ ଦିନ ବ୍ୟାପୀ 'ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ' ସଚେତନତା ଅଭିଯାନ ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ଜନସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଶିଶୁମାନଙ୍କୁ ଶ୍ରମରୁ ଦୂରେଇ ରଖି ସେମାନଙ୍କୁ ଶିକ୍ଷା, ସୁରକ୍ଷା ଓ ସୁସ୍ଥ ପରିବେଶ ଯୋଗାଇଦେବା ଦିଗରେ ସମାଜର ସମସ୍ତ ବର୍ଗଙ୍କୁ ସାମିଲ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି,  ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଶପଥ ପାଠ, ରାଲି ଓ ଆଲୋଚନାଚକ୍ର ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଶିଶୁ ଶ୍ରମର କୁପରିଣାମ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଶୁ ଶ୍ରମ ନିରାକରଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ । ଶିଶୁମାନଙ୍କୁ ଶ୍ରମିକ ନୁହେଁ, ଦେଶର ଭବିଷ୍ୟତ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

**- V/O –**

## ସୁଜଳ ଅଭିଯାନ

ରାଜ୍ୟରେ ଜଳସଂରକ୍ଷଣ, ନିରାପଦ ପାନୀୟଜଳର ବ୍ୟବହାର ଏବଂ ଜଳବାହିତ ରୋଗର ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜିଠାରୁ **'ସୁଜଳ ଅଭିଯାନ'** ଶୁଭାରମ୍ଭ ହୋଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଭୁବନେଶ୍ୱରରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ଜଳ ଅପଚୟ ରୋକିବା, ଜଳସମ୍ପଦର ସୁରକ୍ଷା ଏବଂ ଭବିଷ୍ୟତ ପିଢ଼ୀ ପାଇଁ ଜଳ ଉପଲବ୍ଧତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ନାଗରିକମାନଙ୍କୁ ସଚେତନ କରାଯିବ। ଏହି ଅଭିଯାନର ବାର୍ତ୍ତା ରହିଛି 'ଜଳ ସଂରକ୍ଷଣ – ଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ୀର ଭାଗ୍ୟ'। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ସୁଜଳ ଅଭିଯାନରେ ଜଳସଂରକ୍ଷଣକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବା ଏବଂ ବର୍ଷାଜଳ ଅମଳ ଓ ଏହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି ଜନସାଧାରଣଙ୍କୁ ସଚେତନ କରାଯିବ।

## ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ

ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା' ଅଭିଯାନ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ।

୨୦୧୫ ମସିହାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଆର୍ଥିକ ସେବାରୁ ବଞ୍ଚିତ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଋଣ ଯୋଗାଇ ଦେବା ଏବଂ ସେମାନଙ୍କ ଉଦ୍ୟୋଗୀ ସମ୍ଭାବନାକୁ ବିକଶିତ କରିବା। ଏହି ଯୋଜନା ଅଧୀନରେ ବନ୍ଧକବିହୀନ ଋଣ ଯୋଗାଇ ଦିଆଯାଉଥିବାରୁ ବହୁ ସଂଖ୍ୟକ କ୍ଷୁଦ୍ର ଉଦ୍ୟୋଗୀ ଆର୍ଥିକ ବ୍ୟବସ୍ଥାରେ ସାମିଲ ହୋଇପାରିଛନ୍ତି। ଏହି ଯୋଜନାରେ ପ୍ରଥମେ ତିନୋଟି ବର୍ଗରେ ଋଣ ଯୋଗାଇ ଦିଆଯାଉଥିବାବେଳେ ଏବେ ଚାରୋଟି ବର୍ଗରେ ଋଣ ଯୋଗାଇ ଦିଆଯାଉଛି। ବିଭିନ୍ନ ବର୍ଗର ଉଦ୍ୟୋଗୀମାନଙ୍କୁ ସହାୟତା କରିବା ଲାଗି ଶିଶୁବର୍ଗରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ସେହିପରି କିଶୋର ବର୍ଗରେ ୫୦ ହଜାରରୁ ୫ ଲକ୍ଷ, ତରୁଣ ବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଏବଂ ତରୁଣ ପ୍ଲସ୍ ବର୍ଗରେ

୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦିଆଯାଉଛି । ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ .......

**- V/O -**

ତଥ୍ୟ ଅନୁସାରେ, ମୁଦ୍ରା ଋଣର ୬୮ ପ୍ରତିଶତ ମହିଳା ଉଦ୍ୟୋଗୀଙ୍କୁ ଏବଂ ୫୧ ପ୍ରତିଶତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଋଣଗ୍ରହୀତାଙ୍କୁ ପ୍ରଦାନ କରାଯାଇଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଏକ ସର୍ବେକ୍ଷଣ ଅନୁସାରେ, ୨୦୧୫ରୁ ୨୦୧୮ ମଧ୍ୟରେ ମୁଦ୍ରା ଯୋଜନା ଦ୍ୱାରା ପ୍ରାୟ ଏକ କୋଟି ୧୨ ଲକ୍ଷ ଅତିରିକ୍ତ ନିଯୁକ୍ତି ସୃଷ୍ଟି ହୋଇଛି । ଏହି ଯୋଜନାର ପରିସରକୁ ଆହୁରି ବୃଦ୍ଧି କରି ୨୦୨୪ ମସିହାରେ ମୁଦ୍ରା ଋଣର ସର୍ବୋଚ୍ଚ ସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଫଳରେ ସଫଳ ଉଦ୍ୟୋଗୀମାନେ ନିଜ ବ୍ୟବସାୟକୁ ବିସ୍ତାର କରିବା ପାଇଁ ଅଧିକ ଋଣ ପାଇବାର ସୁଯୋଗ ପାଇଛନ୍ତି । ପିଏମ୍ ମୁଦ୍ରା ଯୋଜନା ମାଧ୍ୟମରେ ଚାକିରି ଖୋଜିବା ପରିବର୍ତ୍ତେ ନିଜେ ଉଦ୍ୟୋଗ ଆରମ୍ଭ କରି ଅନ୍ୟମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାର ଆକାଂକ୍ଷାକୁ ମଧ୍ୟ ପ୍ରୋତ୍ସାହନ ମିଳିଛି । ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୧୯ କୋଟିରୁ ଅଧିକ ଋଣ ଜରିଆରେ ୨୬୨ କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ କରାଯାଇଛି ।

## ହବିଷ୍ୟାଳୀ ଯୋଜନା

ହବିଷ୍ୟ ବ୍ରତ ଆସନ୍ତା ୨୬ ତାରିଖରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ରାଜ୍ୟ ସରକାରଙ୍କ ହବିଷ୍ୟାଳୀ ଯୋଜନାରେ ଚଳିତ ମାସ ୬ ତାରିଖ ପୂର୍ବାହ୍ନ ୧୦ଟା ଠାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ହବିଷ୍ୟାଳୀମାନେ ଅନଲାଇନ୍‌ରେ ଆବେଦନ କରିପାରିବେ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ପୌର କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପଲେକ୍ସ ଆଦି ତିନୋଟି ସ୍ଥାନରେ ୨ ହଜାର ୫୦୦ ହବିଷ୍ୟାଳୀଙ୍କ ନିଃଶୁଳ୍କ ରହଣୀ, ସ୍ୱତନ୍ତ୍ର ଶ୍ରୀମନ୍ଦିର ଦର୍ଶନ, ମାଗଣା ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ଆବେଦନକାରୀ edistrict.odisha.gov.in ପୋର୍ଟାଲରେ ଆବେଦନ କରିପାରିବେ।

## ସେବାସଂକଳ୍ପ ଅଭିଯାନ

ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ବିବିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ସେବାସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।